ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 73/15-04-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୫ ଅପ୍ରେଲ, ୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ବର୍ତ୍ତମାନର କରୋନା ସ୍ଥିତିରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ନିରାପତ୍ତା ପାଇଁ ରାଜ୍ୟର ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନବମ ଓ ଏକାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିନା ପରୀକ୍ଷାରେ ଯଥାକ୍ରମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଆସନ୍ତା ୧୯ ତାରିଖ ସୋମବାରଠାରୁ ସବୁ ସ୍କୁଲ ଓ ହଷ୍ଟେଲ ବନ୍ଦ ରହିବ । କୋଭିଡ୍-୧୯ ପରିସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସଂପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ସମୟ ଦିଆଯାଇ ପରୀକ୍ଷା କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସିବିଏସ୍ଇ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସହ ସହବନ୍ଧିତ ସମସ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପାଇଁ ୧୪.୪.୨୦୨୧ରୁ ସିବିଏସ୍ଇ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ । ଆସନ୍ତା ୧୯.୪.୨୦୨୧ଠାରୁ ସମସ୍ତ ଇଂରାଜୀ ମାଧ୍ୟମ ସ୍କୁଲ ଓ ସେମାନଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲଗୁଡ଼ିକ ବନ୍ଦ ରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱରର ଦୁଇଟି ଅତ୍ୟାଧୁନିକ କର୍କଟ ଚିକିତ୍ସା କେନ୍ଦ୍ର ପାଇଁ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହାକୁ ରାଜ୍ୟର ସ୍ୱାସ୍ଥ୍ୟସେବା ବିକାଶରେ ଏକ ଐତିହାସିକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି ।

- ବାଗ୍‌ଚୀ-ଶ୍ରୀଶଙ୍କର କର୍କଟ କେନ୍ଦ୍ର ଏବଂ ଗବେଷଣା ପ୍ରତିଷ୍ଠାନ ପାଇଁ ଓଡ଼ିଶା ସରକାର, ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଏବଂ ଶ୍ରୀ ଶଙ୍କର କର୍କଟ ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି କେନ୍ଦ୍ର ଓଡ଼ିଶା ଏବଂ ଦେଶର ପୂର୍ବାଞ୍ଚଳର ଲୋକଙ୍କୁ ବିଶ୍ୱସ୍ତରୀୟ କର୍କଟ ଚିକିତ୍ସା ସୁବିଧା ଯୋଗାଇବ ।

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'

- ବାଗ୍‌ଚୀ-କରୁଣାଶ୍ରୟ ପଲ୍ଲିଏଟିଭ୍ ଯତ୍ନ କେନ୍ଦ୍ର ପାଇଁ ଦ୍ୱିତୀୟ ବୁଝାମଣାପତ୍ର ରାଜ୍ୟ ସରକାର, ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଏବଂ କରୁଣାଶ୍ରୟ ଡାକ୍ତରଖାନା ନ୍ୟାସ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର କିଛି ଦିନ ମଧ୍ୟରେ ରୋଗୀଙ୍କୁ ଉଚ୍ଚମାନର ପଲ୍ଲିଏଟିଭ୍ ଯତ୍ନ, ଶାନ୍ତି ଏବଂ ମର୍ଯ୍ୟାଦା ପ୍ରଦାନ କରିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଅଙ୍କୋଲୋଜି କେନ୍ଦ୍ରଗୁଡ଼ିକ ପାଇଁ ସହୃଦୟତାର ସହ ୩୪୦ କୋଟି ଟଙ୍କା ପ୍ରଦାନ କରିଥିବାରୁ ଶ୍ରୀମତୀ ସୁସ୍ମିତା ବାଗ୍‌ଚୀ ଏବଂ ଶ୍ରୀ ସୁବ୍ରତ ବାଗ୍‌ଚୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ଜାନୁଆରୀ ୨୦୨୪ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାର ସମସ୍ତ ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି । ଏପରି କାର୍ଯ୍ୟ ଅନ୍ୟମାନଙ୍କୁ ଦାନ ଦେବାର ଅନୁଭବ ନେବା ପାଇଁ ପ୍ରେରଣିତ କରିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସମାଜ ପାଇଁ ସେବାର ମହତ୍ତ୍ୱକୁ ଗୁରୁତ୍ୱ ଦେଇ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କ ଉକ୍ତି ଉଦ୍ଧାର କରି କହିଛନ୍ତି 'ମୁଁ ଶୋଇଥିଲି ଏବଂ ସ୍ୱପ୍ନ ଦେଖିଲି ଯେ ଜୀବନ ଆନନ୍ଦ ଅଟେ । ମୁଁ ଜାଗ୍ରତ ହୋଇ ଦେଖିଲି ଜୀବନ ହେଉଛି ସେବା । ମୁଁ କାର୍ଯ୍ୟ କଲି ଏବଂ ଦେଖିଲି, ସେବା ଆନନ୍ଦ ଥିଲା ।'

- ମାନ୍ୟବର ମୁଖ୍ୟମନ୍ତ୍ରୀ ୫୦୦ ଶଯ୍ୟାବିଶିଷ୍ଟ କର୍କଟ ଚିକିତ୍ସା ଏବଂ ଅନୁସନ୍ଧାନ କେନ୍ଦ୍ର ପାଇଁ ଶ୍ରୀ ଶଙ୍କର କର୍କଟ ହସ୍ପିଟାଲ୍ ଏବଂ ଗବେଷଣା ପ୍ରତିଷ୍ଠାନ ଏବଂ ପାଲ୍ଲିଏଟିଭ୍ ଯତ୍ନ କେନ୍ଦ୍ର ପାଇଁ ବେଙ୍ଗାଲୁରୁ ଡାକ୍ତରଖାନା ନ୍ୟାସକୁ ଧନ୍ୟବାଦ ଜଣାଇଛନ୍ତି । ଜାନୁଆରୀ ୨୦୨୪ ସୁଦ୍ଧା ଏହି କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ମୋ ସ୍କୁଲ ଓଡ଼ିଶା' ଏବଂ 'ସ୍କିଲଡ୍ ଇନ୍ ଓଡ଼ିଶା'ରେ ଓଡ଼ିଶାର ରୂପାନ୍ତର ପାଇଁ ସ୍ୱେଚ୍ଛାକୃତ ଭାବେ ହାତ ମିଳାଇଥିବାରୁ ଆମେ ଶ୍ରୀମତୀ ଏବଂ ଶ୍ରୀ ବାଗ୍‌ଚୀଙ୍କ ନିକଟରେ କୃତଜ୍ଞ । ସେମାନଙ୍କ କରୁଣା ଏବଂ ପ୍ରତିବଦ୍ଧତା ସେମାନଙ୍କର ବଦାନ୍ୟତାରେ ପୁନଃପ୍ରତିଫଳିତ ହୋଇଛି । ଦାନ କରିବାର ଆନନ୍ଦ ଅନୁଭବ କରିବାକୁ ଏହା ଆହୁରି ଅନେକଙ୍କୁ ପ୍ରେରଣା ଯୋଗାଇବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ବର୍ତ୍ତମାନର କୋଭିଡ୍ ସ୍ଥିତିରେ ଆମ ସୁରକ୍ଷା ପାଇଁ ମାସ୍କ ହିଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏହା ଆମକୁ ତଥା ଆମ ପରିବାରକୁ କୋଭିଡ୍-୧୯ଠାରୁ ସୁରକ୍ଷିତ ରଖିବ । ମାସ୍କ ପିନ୍ଧିବାରେ ଜମା ବି ହେଳା କରନ୍ତୁ ନାହିଁ । ଆସନ୍ତୁ, ବିନା ଲକ୍‌ଡାଉନ୍‌ରେ କୋଭିଡ୍ ସହ ଲଢ଼ିବା ।'

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାନଦୀରେ ଜଳଭିତ୍ତିକ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନ କଟକ ସହର ତଥା ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ବିଶ୍ୱସ୍ତରୀୟ ବୋଟିଂ, ଜଳକ୍ରୀଡ଼ା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଯୋଗାଇବା ପାଇଁ କଟକସ୍ଥିତ ସିଲଭର ସିଟି ବୋଟ କ୍ଲବ୍‌ଠାରେ ଥିବା ଭିତ୍ତିଭୂମିର ବିକାଶ କରିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନ ଦ୍ୱାରା ୨ କୋଟି ଟଙ୍କା ବିନିଯୋଗରେ ଭିତ୍ତିଭୂମିର ନବୀକରଣ କରାଯାଇଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ

ନୂତନ ବୋଟ୍ କ୍ଲବ୍‌ରେ ଏକ ଭାସମାନ ଜେଟି, ବୁକିଂ କାଉଣ୍ଟର ଏବଂ ଲାଇଫଗାର୍ଡ଼, ଶୌଚାଳୟ ପରିସର, ରେଷ୍ଟୋରାଁ ଏବଂ ବାର୍, ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ, ପିଲାମାନଙ୍କ ନିମନ୍ତେ ଖେଳିବା ପାଇଁ ସ୍ଥାନ ସହ ଏକ ପାର୍କ ରହିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ବୋଟ୍ କ୍ଲବ୍‌ର ସଂଚାଳନା ଏବଂ ପରିଚାଳନା କରିବ ଯେଉଁଠାରେ ସଂଚାଳକମାନଙ୍କୁ ସାଧାରଣ ଭିତ୍ତିଭୂମି ଏବଂ ୟୁଜର ଫି ମଡେଲ୍‌ର ସୁବିଧା ବ୍ୟବହାର କରିବାକୁ ଅନୁମତି ଦିଆଯିବ । ୱାଟର ସ୍ପୋର୍ଟସ୍ ସିମ୍ପ୍ଲେକ୍ସ ଇଣ୍ଡିଆ ଏବଂ ଅମ୍ରାବତୀ ବୋଟିଂ କ୍ଲବ୍ ଅପ୍ରେଲ ମାସରେ କାର୍ଯ୍ୟ ଆରମ୍ଭ କରିବେ ଏବଂ ଅନ୍ୟ ସଂଚାଳକମାନେ ପରେ କାର୍ଯ୍ୟ ଆରମ୍ଭ କରିବେ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜଳଭିତ୍ତିକ ମନୋରଞ୍ଜନରେ ଏକ ନୂତନ ଅଧ୍ୟାୟ ଆଣିଥିବାରୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମକୁ ଅଭିନନ୍ଦନ ଜଣାଇଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଳକ୍ରୀଡ଼ା ଆଗ୍ରହୀ, ପ୍ରକୃତିପ୍ରେମୀ ଏବଂ ଓଡ଼ିଶା ପରିଦର୍ଶନରେ ଆସୁଥିବା ଅନ୍ୟ ପର୍ଯ୍ୟଟକଙ୍କ ଭ୍ରମଣ ସାହିତ୍ୟରେ ସିଲଭର ସିଟି ବୋଟ୍ କ୍ଲବ୍ ସ୍ଥାନ ପାଇବ ।

➢ ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ରାଜ୍ୟରେ ତଥା ଦେଶର ଅନ୍ୟ ରାଜ୍ୟମାନଙ୍କରେ କୋଭିଡ୍ ସଂକ୍ରମଣ ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଜନସାଧାରଣଙ୍କୁ ସୂଚନା ଦେଇଛନ୍ତି ।

- ଛତିଶଗଡ଼ ସୀମାନ୍ତବର୍ତ୍ତୀ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ଆଦି ୧୦ଟି ଜିଲ୍ଲାର ସହରାଞ୍ଚଳରେ ଆସନ୍ତାକାଲିଠାରୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରାଯିବ । ଏହା ବ୍ୟତୀତ ଏହିସବୁ ସହରାଞ୍ଚଳରେ ପ୍ରତି ଶନିବାର ଓ ରବିବାର ଦିନ ସପ୍ତାହାନ୍ତ ସଟ୍‌ଡାଉନ୍ ଲାଗୁ କରାଯିବ । ଭୁବନେଶ୍ୱର ଓ କଟକ ସମେତ ଅନ୍ୟ ସମସ୍ତ ସହରାଞ୍ଚଳରେ ରାତି ୯ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ । ଏହି କର୍ଫ୍ୟୁ ସମୟରେ ସ୍ୱାସ୍ଥ୍ୟସେବା, ବିଦ୍ୟୁତ, ପାନୀୟ ଜଳ ପରି ଜରୁରୀକାଳୀନ ସେବା ଅବ୍ୟାହତ ରହିବ । ମାଲ ପରିବହନକାରୀ ଯାନ ଉପରେ କୌଣସି କଟକଣା ରହିବ ନାହିଁ ।

- ବିବାହ ଉତ୍ସବ ପାଇଁ ସର୍ବାଧିକ ୫୦ ଓ ଅନ୍ତିମ ସଂସ୍କାର ପାଇଁ ୨୦ ଜଣଙ୍କୁ ଅନୁମତି ମିଳିବ । କୌଣସି ଧାର୍ମିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶୈକ୍ଷିକ ସମାବେଶ ହୋଇପାରିବ ନାହିଁ । ୫୦ ପ୍ରତିଶତ ଦର୍ଶକରେ ସିନେମା ହଲ ଚାଲିବ ।

## ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୪,୯୬,୨୯୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୫୮, ୩୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୪୧, ୭୩୩ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୩୫ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୧୪,୬୨୧ ରହିଛି ।
- ୧୪,୬୨୧ ଜଣ ହସ୍ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'